بسم الله الرحمٰن الرحيم

**ଖୁତବା ଜୁମା ୨୪ ଜାନୁୟାରୀ ୨୦୨୦ର ସାରାଂଶ**

**ସ୍ଥାନ- ମସଜିଦ୍ ବୟତୁଲ୍ ଫୁତୁହ୍, ମର୍ଡନ(ବ୍ରିଟେନ୍)**

## *ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସଂପନ୍ନ ବଦରି ସାହାବି ହଜ଼ରତ୍ ଅବଦୁଲ୍ଲାଃ ବିନ୍ ରୱାହା ର.ଅଙ୍କ ପ୍ରଶଂସନୀୟ , ବିଶ୍ୱାସ ବର୍ଦ୍ଧକ ଏବଂ ମନମୁଗ୍ଧକରର ଚର୍ଚ୍ଚା ।*

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ଆଜି ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ତାଙ୍କ ନାମ ହେଉଛି ହଜ଼ରତ ଅବଦୁଲ୍ଲାଃ ବିନ୍ ରୱାହା ର.ଅ । ତାଙ୍କ ପିତାଙ୍କ ନାମ ରୱାହା ବିନ୍ ସାଆଲବା ଥିଲା ଏବଂ ତାଙ୍କ ମାତାଙ୍କ ନାମ କବଶା ବିନତ୍ ୱାକିଦ୍ ବିନ୍ ଉମର ଥିଲା। ଯିଏକି ଅନସାରର ଖଜ଼ରଜ୍ ସଂପ୍ରଦାୟର ବନୁ ହାରିସ୍ ବିନ୍ ଖଜ଼ରଜ୍ ବଂଶୀୟ ଥିଲେ । ହଜ଼ରତ ଅବଦୁଲ୍ଲାଃ ବିନ୍ ରୱାହା ବୈଅତେ ଅକ଼ବାରେ ଶାମିଲ୍ ଥିଲେ ଏବଂ ବନୁ ହାରିସ୍ ବିନ୍ ଖଜ଼ରଜର ଅଧିପତି ଥିଲେ । ତାଙ୍କର ଗୋତ୍ର ମୁହମ୍ମଦ ଥିଲା । କେତେକ ବର୍ଣ୍ଣନାକାରୀମାନେ ଅବୁ ରୱାହା ଏବଂ ଅବୁ ଅମ୍ର ମଧ୍ୟ ବର୍ଣ୍ଣନା କରିଛନ୍ତି । ଅନସାରର ଜଣେ ବ୍ୟକ୍ତି ବର୍ଣ୍ଣନା କରନ୍ତି ଯେ, ଆଂହଜ଼ରତ ସ.ଅ ହଜ଼ରତ ଅବଦୁଲ୍ଲାଃ ବିନ୍ ରୱାହା ଏବଂ ହଜ଼ରତ ମିକ଼ଦାଦ୍ ର.ଅଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । ଇବ୍ନେ ସାଆଦ୍ ର.ଅଙ୍କ ଅନୁଯାୟୀ ଅବଦୁଲ୍ଲାଃ ବିନ୍ ରୱାହା ଆହଜ଼ରତ ସ.ଅଙ୍କର ଲିପିକାର ଥିଲେ । ହଜ଼ରତ ଅବଦୁଲ୍ଲାଃ ବିନ୍ ରୱାହା ସମସ୍ତ ଯୁଦ୍ଧରେ ରସୁଲ୍ କରୀମ ସ.ଅଙ୍କ ସହିତ ଶାମିଲ ଥିଲେ । ସେ ମୌତା ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ । ମୌତା ଯୁଦ୍ଧର ନେତାମାନଙ୍କ ମଧ୍ୟରୁ ଅବଦୁଲ୍ଲାଃ ବିନ୍ ରୱାହା ମଧ୍ୟ ଅନ୍ୟତମ ଥିଲେ ।

ଏକ ବର୍ଣ୍ଣନାନୁଯାୟୀ ହଜ଼ରତ ଅବଦୁଲ୍ଲାଃ ବିନ୍ ରୱାହା ନବୀ କରୀମ୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ । ସେତେବେଳେ ଆଁହଜ଼ରତ ସ.ଅ ଖୁତବା ଦେଉଥିଲେ । ଖୁତବା ମଧ୍ୟରେ ହୁଜ଼ୁର ସ.ଅ କହିଲେ ବସିପଡ଼ ! ଏହା ଶୁଣି ହଜ଼ରତ ଅବଦୁଲ୍ଲାଃ ବିନ୍ ରୱାହା ମସଜିଦ୍ ବାହାରେ ଯେଉଁ ସ୍ଥାନରେ ସେ ଛିଡ଼ା ହୋଇଥିଲେ ସେହିଠାରେ ହିଁ ସେ ବସିପଡ଼ିଲେ । ଯେତେବେଳେ ନବୀ କରୀମ୍ ସ.ଅ ଖୁତବା ଦେଇ ସାରିଲେ ଏବଂ ଯେତେବେଳେ ନବୀ କରୀମ୍ ସ.ଅଙ୍କୁ ଉକ୍ତ ସୂଚନାଟି ପ୍ରାପ୍ତ ହେଲା ସେତେବେଳେ ନବୀ କରୀମ୍ ସ.ଅ କହିଲେ زَادَكَ اللّٰهُ حِرْصًا عَلٰى طَوَاعِيَةِ اللّٰهِ وَ طَوَاعِيَةِ رَسُوْلِهٖ ଅର୍ଥାତ ଅଲ୍ଲାଃତାଲାଙ୍କ ଆଜ୍ଞା ଏବଂ ତାଙ୍କ ପ୍ରେରିତ ବାର୍ତ୍ତାବହଙ୍କ ଆଜ୍ଞା ପାଳନ କରିବାର ଅଭିଳାଷା ରଖିଥିବାରୁ ଅଲ୍ଲାଃତାଲା ତୁମକୁ ଉନ୍ନୀତ କରନ୍ତୁ । ଠିକ୍ ଏହି ପ୍ରକାରର ଘଟଣା ଆହଦିସର ପୁସ୍ତକରେ ହଜ଼ରତ ଅବଦୁଲ୍ଲାଃ ବିନ୍ ମସଉଦ ର.ଅଙ୍କ ସଂପର୍କରେ ମଧ୍ୟ ଦେଖିବାକୁ ମିଳେ ।

ହଜ଼ରତ ଅବଦୁଲ୍ଲାଃ ବିନ୍ ରୱାହା ଜିହାଦରେ ସର୍ବ ପ୍ରଥମେ ଘରୁ ବାହାରୁଥିଲେ ଏବଂ ସର୍ବ ଶେଷରେ ଫେରୁଥିଲେ । ହଜ଼ରତ ଅବୁ ଦରଦା ର.ଅ କହନ୍ତି ଯେ, ଯେଉଁ ଦିନ ମୁଁ ଅବଦୁଲ୍ଲାଃ ବିନ୍ ରୱାହାଙ୍କ ସଂପର୍କରେ ଚର୍ଚ୍ଚା ନକରିଛି ସେହି ଦିନ ଠାରୁ ମୁଁ ଅଲ୍ଲାଃତାଲାଙ୍କ ଶରଣ ଭିକ୍ଷା କରୁଛି । ଯେତେବେଳେ ସେ ମୋ ସମ୍ମୁଖକୁ ଆସି ମୋତେ ସାକ୍ଷାତ କରୁଥିଲେ ସେତେବେଳେ ସେ ମୋ ଛାତି ଉପରେ ହାତ ରଖୁଥିଲେ ଏବଂ ଯେତେବେଳେ ସେ ବିଦାୟ ନେଉଥିଲେ ସେତେବେଳେ ସେ ମୋ କାନ୍ଧ ମଧ୍ୟସ୍ଥରେ ହାତ ରଖୁଥିଲେ ଏବଂ ମୋତେ କହଥିଲେ يَا عُوَيْمِرُ اِجْلِسْ فَلْنُؤْمِنْ سَاعَةً ଅର୍ଥାତ ହେ ଉୱୈମର୍ ବସ ! ଚାଲ ଆମେ କିଛି କ୍ଷଣ ବିଶ୍ୱାସକୁ ସତେଜ ବା ସଦ୍ୟ କରିବା। ଏଣୁ ଆମେମାନେ ବସୁଥିଲୁ ଏବଂ ଅଲ୍ଲାଃତାଲା ଯେତେ ଚାହୁଁଥିଲେ ସେତେ ସମୟ ଆମେ ଅଲ୍ଲାଃତାଲାଙ୍କର ମହିମା ଗାନ କରୁଥିଲୁ । ପୁନଶ୍ଚ ହଜ଼ରତ ଅବଦୁଲ୍ଲାଃ ବିନ୍ ରୱାହା ର.ଅ କହନ୍ତି ଯେ, ହେ ଉୱୈମର ଏହି ଆସରଟି ହେଉଛି ବିଶ୍ୱାସର ଆସର । ହଜ଼ରତ ଇମାମ୍ ଅହମଦଙ୍କର ପୁସ୍ତକ କିତାବୁଜ୍ ଜୁହଦରେ ବର୍ଣ୍ଣିତ ଅଛି ଯେ, ହଜ଼ରତ ଅବଦୁଲ୍ଲାଃ ବିନ୍ ରୱାହା ର.ଅ ଯେତେବେଳେ କୌଣସି ସାଥିକୁ ସାକ୍ଷାତ କରୁଥିଲେ ସେତେବେଳେ କହୁଥିଲେ, ଆସ କିଛି ମୁହୂର୍ତ୍ତ ନିଜ ପାଳନକର୍ତ୍ତାଙ୍କ ଉପରେ ବିଶ୍ୱାସମୂଳକ ଆସ୍ଥା ସ୍ଥାପନ କରିବାର ସ୍ମୃତିକୁ ସତେଜ କରିନେବା। ସେହି ପୁସ୍ତକରେ

ବର୍ଣ୍ଣିତ ଅଛି ଯେ, ନବୀ କରୀମ୍ ସ.ଅ କହିଲେ ଅଲ୍ଲାଃତାଲା ଇବ୍ନେ ରୱାହାଙ୍କ ଉପରେ ଦୟା ଅବତୀର୍ଣ୍ଣ କରନ୍ତୁ। ସେ ଏପରି ଏକ ଆସରକୁ ଭଲ ପାଉଛନ୍ତି ଯାହା ଉପରେ ଦେବଦୂତମାନେ ଗର୍ବ କରନ୍ତି ।

ହଜ଼ରତ ଅବୁ ହୁରେରା ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ نِعْمَ الرَّجُلُ عَبْدُ اللّٰهِ بْنُ رَوَاحَةَ ଅର୍ଥାତ ଅବଦୁଲ୍ଲାଃ ବିନ୍ ରୱାହା କିଭଳି ଉତ୍ତମ ବ୍ୟକ୍ତି ଅଟନ୍ତି । ହଜ଼ରତ ଅବଦୁଲ୍ଲାଃ ବିନ୍ ରୱାହା ର.ଅଙ୍କୁ ଖୈବର ବିଜୟ ପରେ ଫଳମୂଳ ଏବଂ ଫସଲ ଆଦି କାର୍ଯ୍ୟର ଆକଳନ କରିବା ପାଇଁ ଆଁହଜ଼ରତ ସ.ଅ ପ୍ରେରଣ କରିଥିଲେ । ଏକଦା ହଜ଼ରତ ଅବଦୁଲ୍ଲାଃ ବିନ୍ ରୱାହା ର.ଅ ଏତେ ଅସୁସ୍ଥ ହେଲେ ଯେ, ସେ ଚେତା ହରାଇ ବସିଲେ । ନବୀ କରୀମ୍ ସ.ଅ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ପାଇଁ ଆସିଲେ । ହୁଜୁର ସ.ଅ କହିଲେ ହେ ଅଲ୍ଲାଃ ! ଯଦି ଏହାଙ୍କର ଶେଷ ସମୟ ଆସିଯାଇଛି ତେବେ ଏହାଙ୍କ ପାଇଁ ସରଳତା ସୃଷ୍ଟି କର ଏବଂ ଯଦି ତାଙ୍କର ନିର୍ଦ୍ଧାରିତ ସମୟ ହୋଇ ନାହିଁ ତେବେ ତାଙ୍କୁ ଆରୋଗ୍ୟ ପ୍ରଦାନ କରନ୍ତୁ । ଆଁହଜ଼ରତ ସ.ଅଙ୍କର ଉକ୍ତ ପ୍ରାର୍ଥନା ପରେ ଅବଦୁଲ୍ଲାଃ ବିନ୍ ରୱାହା ର.ଅ ଯେତେବେଳେ ଜ୍ୱରର ତାପମାତ୍ରାରେ କିଛି ହ୍ରାସ ଅନୁଭବ କଲେ ସେତେବେଳେ ସେ କହିଲେ ଯେ, ହେ ରସୁଲୁଲ୍ଲାଃ ! ମୋର ମାତାଶ୍ରୀ କହୁଥିଲେ ହାୟ ମୋ ପାହାଡ଼ ପରି ପୁତ୍ର, ହାୟ ମୋ ଅନ୍ଧର ଲଉଡ଼ି । ଯେତେବେଳେ ମୁଁ ଅସୁସ୍ଥ ଥିଲି ସେତେବେଳେ ମୁଁ ଦେଖିଲି ଯେ, ଜଣେ ଦେବଦୂତ ଲୌହର ଏକ ଗଦା ଧରି ଛିଡ଼ା ହୋଇ ଏହା କହୁଥିଲା ଯେ, ପ୍ରକୃତରେ ତୁମେ ଏହିପରି ଅଟ କି ? ଯଦି ମୁଁ କହିଥାଆନ୍ତି ହଁ, ମୁଁ ଏହିପରି ତେବେ ସେ ମୋ ଉପରେ ନିଶ୍ଚିତ ଗଦା ପ୍ରହାର କରିଥାଆନ୍ତା ।

ହଜ଼ରତ ଅବଦୁଲ୍ଲାଃ ବିନ୍ ରୱାହା ଜଣେ କବି ଥିଲେ ଏବଂ ସେହି କବିମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଯିଏକି ନବୀ କରୀମ୍ ସ.ଅଙ୍କ ପକ୍ଷରୁ  ବିରୋଧୀଙ୍କର ଅଶିଷ୍ଟ ତଥା ବ୍ୟର୍ଥ କଥାଗୁଡ଼ିକର ଉତ୍ତର ଦେଉଥିଲେ । ଏକ ଅବସରରେ ନବୀ କରୀମ ସ.ଅ ତାଙ୍କର କବିତାଗୁଡ଼ିକ ଶୁଣି କହିଲେ ଯେ, ହେ ଇବନେ ରୱାହା ! ଅଲ୍ଲାଃତାଲା ତୁମକୁ ସର୍ବଦା ବିଶ୍ୱାସରେ ଅଟଳ ରଖନ୍ତୁ । ହଶ୍ଶାମ୍ ବିନ ଉରୱା ର.ଅ କହିଲେ ଯେ, ଆଁହଜ଼ରତ ସ.ଅଙ୍କ ଉକ୍ତ ଦୁଆ ବଳରେ ଅଲ୍ଲାଃତାଲା ଅବଦୁଲ୍ଲାଃ ବିନ ରୱାହାଙ୍କୁ ଯଥୋଚିତ ରୂପେ ଅଟଳ ରଖିଲେ । ଏପର୍ଯ୍ୟନ୍ତକି ଯେତେବେଳେ ସେ ବୀରଗତି ପ୍ରାପ୍ତ କଲେ ସେତେବେଳେ ତାଙ୍କ ନିମନ୍ତେ ସ୍ୱର୍ଗପୁରର ଦ୍ୱାର ଉନ୍ମୁକ୍ତ କରିଦିଆଗଲା। ଇବନେ ସାଆଦଙ୍କର ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଯେତେବେଳେ ଉକ୍ତ ଆୟତଟି ଅବତୀର୍ଣ୍ଣ ହେଲା ଯେ, وَ الشُّعَرَاءُ يَتَّبِعُهُمُ الْغَاوٗنَ ଅର୍ଥାତ କବିମାନଙ୍କ ଗୋଷ୍ଠୀ ଏପରି ଅଟେ ଯେ, ଯେଉଁମାନେ ତାହାଙ୍କୁ ଅନୁକରଣ କରନ୍ତି ସେମାନେ ପଥଭ୍ରଷ୍ଟ ହୁଅନ୍ତି ।**(ଅସ୍ ଶୋରା-୨୨୫)** ସେତେବେଳେ ଅବଦୁଲ୍ଲାଃ ବିନ୍ ରୱାହା ର.ଅ କହିବାକୁ ଲାଗିଲେ ଯେ, ଅଲ୍ଲାତାଲାଃ ଭଲଭାବରେ ଜାଣନ୍ତି ଯେ, ମୁଁ ସେହିମାନଙ୍କ ମଧ୍ୟରୁ ଅନ୍ୟତମ ଯେଉଁମାନଙ୍କ ସଂକ୍ରାନ୍ତରେ ଅଲ୍ଲାଃତାଲା ଏହି ଆୟତଟି ଅବତୀର୍ଣ୍ଣ କରିଛନ୍ତି  ଯେ, اِلَّا الَّذِيْنَ اٰمَنُوْا وَ عَمِلُوا الصّٰلِحٰتِ (ଅର୍ଥାତ ସେମାନଙ୍କ ବ୍ୟତୀତ ଯେଉଁମାନେ ବିଶ୍ୱାସ କରିଛନ୍ତି ଓ ସତ୍‌କର୍ମ କରନ୍ତି) **(ଅସ୍ ଶୋରା-୨୨୮)** ମୁଅଜିମୁଶ୍ ଶୋରାର ଲେଖକ ଲେଖିଛନ୍ତି ଯେ, ହଜ଼ରତ ଅବଦୁଲ୍ଲାଃ ବିନ୍ ରୱାହା ଅଶିକ୍ଷିତ ଯୁଗରେ ମଧ୍ୟ ଅତ୍ୟନ୍ତ ମର୍ଯ୍ୟାଦାବନ୍ତ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଏବଂ ଇସଲାମର ଯୁଗରେ ମଧ୍ୟ ସେ ସର୍ବୋଚ୍ଚ ମର୍ଯ୍ୟାଦାପୂର୍ଣ୍ଣ ବ୍ୟକ୍ତିତ୍ୱ ତଥା ସର୍ବୋଚ୍ଚ ପଦରେ ଅଧିଷ୍ଠିତ ହୋଇଥିଲେ । ହଜ଼ରତ ଅବଦୁଲ୍ଲାଃ ବିନ ରୱାହା ହୁଜୁର ସ.ଅଙ୍କ ମହନୀୟତା ସଂପର୍କରେ ଏପରି ଏକ କବିତା କହିଲେ ଯାହାକି ତାଙ୍କର ସର୍ବୋତ୍କୃଷ୍ଟ କବିତା କହିଲେ ଅତ୍ୟୁକ୍ତି ହେବ ନାହିଁ । ସେହି କବିତାଟି ତାଙ୍କର ହୃଦୟର ଆବେଗାତ୍ମକ ଅବସ୍ଥାକୁ ଦର୍ଶାଉଛି, ଯେଉଁଥିରେ ହଜ଼ରତ ଅବଦୁଲ୍ଲାଃ ବିନ ରୱାହା ଆଁହଜ଼ରତ ସ.ଅଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ, ଯଦି ଆଁହଜ଼ରତ ସ.ଅଙ୍କ ଅସ୍ତିତ୍ୱ ସଂପର୍କରେ ସ୍ପଷ୍ଟ ନିଦର୍ଶନମାନ ଏବଂ ଉଜ୍ଜ୍ୱଳମୟ ଚମତ୍କାର ନହେଲେ ହେଁ ତେବେ ଆଁହଜ଼ରତ ସ.ଅଙ୍କର ଅସାଧାରଣ ବ୍ୟକ୍ତିତ୍ୱ ହିଁ ତାଙ୍କର ପ୍ରକୃତ ଅବସ୍ଥାର ସୂଚନା ଦେବା ନିମନ୍ତେ ଯଥେଷ୍ଟ ଅଟେ ।

ହଜ଼ରତ ଅବଦୁଲ୍ଲାଃ ବିନ୍ ରୱାହା ଅଶିକ୍ଷିତ ଯୁଗରେ ଲେଖାପଢା ଜାଣିଥିଲେ । ଯଦିଓ ସେ କାଳରେ ଆରବରେ ଲେଖନର ବ୍ୟବସ୍ଥ ଅତ୍ୟନ୍ତ ସ୍ୱଳ୍ପ ଥିଲା। ବଦର ଯୁଦ୍ଧର ସମାପ୍ତି ଅବସରରେ ରସୁଲ୍ କରୀମ ସ.ଅ ହଜ଼ରତ ଜ଼ୈଦ୍ ବିନ୍ ହାରିସ୍ ର.ଅଙ୍କୁ ମଦିନା ଆଡ଼କୁ ଏବଂ ହଜ଼ରତ ଅବଦୁଲ୍ଲାଃ ବିନ୍ ରୱାହା ର.ଅଙ୍କୁ ଅୱାଲି ଆଡ଼କୁ ଅର୍ଥାତ ମଦିନାର ପୃଷ୍ଠଭାଗ ଆଡ଼କୁ

ବିଜୟର ଶୁଭ ସୂଚନା ଶୁଣାଇବା ପାଇଁ ବଦର୍ ଯୁଦ୍ଧ ଭୂମିରୁ ପ୍ରେରଣ କରିଥିଲେ । ହଜ଼ରତ ସଇଦ୍ ବିନ୍ ଜୁବୈର୍ ର.ଅଙ୍କ ଠାରୁ ବର୍ଣ୍ଣନା କରାଯାଏ ଯେ, ରସୁଲ୍ କରୀମ୍ ସ.ଅ ଓଟ ଉପରେ ବସି ମସଜିଦେ ହରାମରେ ପ୍ରବେଶ କରିଥିଲେ । ହୁଜୁର ସ.ଅ ବାଡ଼ି ସାହାଯ୍ୟରେ ହଜରେ ଅସୱଦକୁ ଚୁମ୍ବନ ଦେଉଥିଲେ । ହୁଜୁର ସ.ଅଙ୍କ ସହିତ ହଜ଼ରତ ଅବଦୁଲ୍ଲାଃ ବିନ୍ ରୱାହା ମଧ୍ୟ ଥିଲେ ଯିଏକି ହୁଜୁର ସ.ଅଙ୍କ ଓଟର ଦଉଡ଼ିର ଅଗ୍ରଭାଗ ଧରିଥିଲେ ଏବଂ ଏହି କବିତା କହୁଥିଲେ, ହେ ଅମାନ୍ୟକାରୀମାନେ ହୁଜୁର ସ.ଅଙ୍କ ବାଟରୁ ହଟି ଯାଅ। ଆମେମାନେ ହୁଜୁର ସ.ଅଙ୍କ ପ୍ରତ୍ୟାଗମନ କରିବା ଯୋଗୁଁ ତୁମକୁ ଏମିତି ମାଡ଼ ମାରିଲୁ ଯାହା ମସ୍ତିଷ୍କକୁ ବିଶ୍ରାମ ସ୍ଥାନରୁ ହଟେଇ ଦେବ । ହଜ଼ରତ କୈସ୍ ବିନ୍ ଅବୁ ଖାଦିମ୍ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ହଜ଼ରତ ଅବଦୁଲ୍ଲାଃ ବିନ୍ ରୱାହାଙ୍କୁ କହିଲେ ଯେ, ତୁମେ ଓହ୍ଲାଅ ଏବଂ ଆମର ଓଟମାନଙ୍କୁ ହଲାଇ ଦିଅ । ପ୍ରତ୍ୟୁତ୍ତରରେ ସେ ଯେଉଁ କବିତା କହିଲେ ତାହାର ଅନୁବାଦ ହେଉଛି ଯେ, ହେ ପାଳନକର୍ତ୍ତା ଯଦି ଆପଣ ବିଦ୍ୟମାନ ନ ହୁଅନ୍ତେ ତାହାହେଲେ ଆମେମାନେ କେବେହେଲେ ସତ୍ ମାର୍ଗ ପ୍ରାପ୍ତ କରିପାରି ନଥାଆନ୍ତୁ, ନା ଆମେ ଦାନ ଧାନ କରିପାରି ଥାଆନ୍ତୁ, ନା ନମାଜ୍ ପଢି ପାରି ଥାଆନ୍ତୁ । ଆମ ଉପରେ ଶାନ୍ତି ଏବଂ ସନ୍ତୋଷ ଅବତୀର୍ଣ୍ଣ କର ଏବଂ ଯେତେବେଳେ ଆମେ ଶତ୍ରୁମାନଙ୍କ ସହିତ ଯୁଦ୍ଧ କରିବୁ ସେତେବେଳେ ଆମମାନଙ୍କର ପାଦକୁ ଦୃଢତା ପ୍ରଦାନ କର । କାରଣ କୁଫ୍ଫାରମାନେ ଆମମାନଙ୍କ ଉପରେ ଆକ୍ରମଣ କରିବାକୁ ବ୍ୟଗ୍ର ଅଟନ୍ତି । ନବୀ କରୀମ୍ ସ.ଅ କହିଲେ ହେ ଅଲ୍ଲାଃ! ସେମାନଙ୍କ ଉପରେ ଦୟା ଅବତୀର୍ଣ୍ଣ କର । ପ୍ରତ୍ୟୁତ୍ତରରେ ହଜ଼ରତ ଉମର୍ ର.ଅ କହିଲେ ଆଁହଜ଼ରତ ସ.ଅଙ୍କର ଦୁଆ ଦ୍ୱାରା ଏହି ଦୟାଟି ଶିରୋଧାର୍ଯ୍ୟ ହୋଇପଡିଛି ।

ହଜ଼ରତ ଉବାଦା ବିନ୍ ସାମିତ୍ ବର୍ଣ୍ଣନା କରନ୍ତି ଯେ, ରସୁଲ କୀରମ୍ ସ.ଅ ଯେତେବେଳେ ଅବଦୁଲ୍ଲାଃ ବିନ୍ ରୱାହାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ପାଇଁ ଗଲେ ସେତେବେଳେ ସେ ନିଜ ଶଯ୍ୟାରୁ ଉଠି ପାରିଲେ ନାହିଁ । ହୁଜୁର ସ.ଅ କହିଲେ ଯେ, ତୁମେ ଜାଣ କି ମୋ ସଂପ୍ରଦାୟରେ ଶହୀଦ୍ କେଉଁମାନେ ଅଟନ୍ତି ? ଲୋକମାନେ କହିଲେ ମୁସଲମାନ ବ୍ୟକ୍ତିର ଯୁଦ୍ଧରେ ନିହତ ହେବାକୁ ବୀରଗତି ପ୍ରାପ୍ତ କରିବା ବୋଲି କହନ୍ତି । ପୁନଶ୍ଚ ହୁଜୁର ସ.ଅ କହିଲେ ତେବେ ମୋ ଉମ୍ମତରେ ବୀରଗତି ପ୍ରାପ୍ତ କରିଥିବା ବ୍ୟକ୍ତିମାନଙ୍କର ସଂଖ୍ୟା ସ୍ୱଳ୍ପ ଅଟେ । ସେହିପରି ହୁଜୁର ସ.ଅ କହିଲେ ଯେଉଁ ମୁସଲମାନ ବ୍ୟକ୍ତି ପେଟ ରୋଗ ଯନ୍ତ୍ରଣା ଦ୍ୱାରା ମୃତ୍ୟୁବରଣ କରେ ସେହି ବ୍ୟକ୍ତି ମଧ୍ୟ ଶହୀଦ୍ ଅଟେ ଏବଂ ଯେଉଁ ମୁସଲମାନ ପାଣିରେ ବୁଡ଼ି ପ୍ରାଣ ହରାଏ ସେ ମଧ୍ୟ ଶହାଦ୍ ଅଟେ ଓ ଯେଉଁ ମହିଳା ଗର୍ଭ ଜନିତ ପ୍ରସୂତି ଯନ୍ତ୍ରଣା ଦ୍ୱାରା ପ୍ରାଣ ହରାଏ ସେ ମଧ୍ୟ ଶହୀଦ ଅଟେ । ଏସବୁ ଶାହାଦତର ଗୋଟିଏ ଗୋଟିଏ କିସମ ଅଟେ ।

ହଜ଼ରତ ଉରୱା ବିନ୍ ଜୈଦ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ମୌତା ଯୁଦ୍ଧରେ ହଜ଼ରତ ଜୈଦ୍ ବିନ୍ ହାରିସଙ୍କୁ ସୈନ୍ୟ ଦଳର ସେନାପତି ରୂପେ ନିଯୁକ୍ତ କଲେ ଏବଂ କହିଲେ ଯେ, ଯଦି ଏ ଶହୀଦ୍ ହୋଇ ଯାଆନ୍ତି ତେବେ ହଜ଼ରତ ଜାଫର ବିନ୍ ଅବୁ ତାଲିବ ର.ଅ ତାଙ୍କ ସ୍ଥାନରେ ଛିଡ଼ା ହେବେ । ପୁନଶ୍ଚ ଯଦି ହଜ଼ରତ ଜାଫର ର.ଅ ବି ଶହୀଦ୍ ହୋଇ ଯାଆନ୍ତି ତେବେ ହଜ଼ରତ ଅବଦୁଲ୍ଲାଃ ବିନ୍ ରୱାହା ସେନାପତି ହେବେ ଏବଂ ଯଦି ଅବଦୁଲ୍ଲାଃ ଶହୀଦ୍ ହୋଇ ଯାଆନ୍ତି ତେବେ ମୁସଲମାନମାନେ ଯାହାକୁ ଚୟନ କରିବେ ତାଙ୍କୁ ନିଜର ସେନାପତି ରୂପେ ବାଛି ନେବେ । ସେତେବେଳେ ହଜ଼ରତ ଅବଦୁଲ୍ଲାଃ ବିନ୍ ରୱାହା ର.ଅ ଏହି କବିତାଗୁଡ଼ିକ ପାଠ କଲେ : ମୁଁ ଅଯାଚିତ ପ୍ରଦାନକାରୀ ଈଶ୍ୱରଙ୍କର କ୍ଷମା ଭିକ୍ଷା କରୁଅଛି ଏବଂ ତରବାରୀର ଏପରି ପ୍ରହାର କରିବାର ସାମର୍ଥ୍ୟ ଭିକ୍ଷା କରୁଅଛି ଯାହାକି ପ୍ରଶସ୍ତ କ୍ଷତ ହୋଇଥିବ ଏବଂ ସଦ୍ୟ ରକ୍ତ ନିର୍ଗତକାରୀ ହୋଇଥିବ । ଯେଉଁଥିରେ ଫେଣ ବାହାରୁଥିବ ଏବଂ ସେହିପରି ଏପରି ଆକ୍ରମଣ ଯାହାକି ସଂପୂର୍ଣ୍ଣ ପ୍ରସ୍ତୁତିର ସହିତ ପ୍ରଚଣ୍ଡ ରକ୍ତ ଶୋଷ ଯୋଗୁଁ ହସ୍ତ ଦ୍ୱାରା ହୋଇଥିବ । ଯାହାକି ଉଦରସ୍ଥ ଅନ୍ତ ନଳୀକୁ ଓ ଯକୃତକୁ ବିଦୀର୍ଣ୍ଣ କରି ଲକ୍ଷ ଭେଦ କରିବ । ଏପର୍ଯ୍ୟନ୍ତକି ଯେତେବେଳେ ଲୋକମାନେ ମୋର କବର ନିକଟରୁ ଅତିକ୍ରମ କରିବେ ସେତେବେଳେ ସେମାନେ କହିବେ ହେ ଯୁଦ୍ଧରେ ଅଂଶଗ୍ରହଣକାରୀ ଅଲ୍ଲାଃତାଲା ତୁମର ମଙ୍ଗଳ କରନ୍ତୁ ଏବଂ ସେହି ଈଶ୍ୱର ମଙ୍ଗଳ କରିଦେଲେ । ପୁନଶ୍ଚ ଅବଦୁଲ୍ଲାଃ ବିନ୍ ରୱାହା ରସୁଲ୍ କରୀମ୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ, ରସୁଲ୍ କରୀମ୍ ସ.ଅ ତାଙ୍କୁ ବିଦାୟ ଜଣାଇଲେ । ମୌତା ନାମକ ସ୍ଥାନରେ ତିନି ଲକ୍ଷ ରୋମୀୟ ସୈନ୍ୟବାହିନୀ ସହିତ ମୁସଲମାନମାନଙ୍କର ଯୁଦ୍ଧ ହୋଇଥିଲା ଏବଂ ଏହି ଯୁଦ୍ଧରେ

ମୁସଲମାନମାନଙ୍କର ସଂଖ୍ୟା କେବଳ ୩୦୦୦ ହଜାର ଥିଲା। ମୁସଲମାନମାନଙ୍କର ସେନାଧକ୍ଷ ଜଣକ ପରେ ଜଣ ଶହୀଦ୍ ହୋଇ ଚାଲିଥିଲେ । ଅଲ୍ଲାଃତାଲା ଆଁହଜରତ ସ.ଅଙ୍କୁ ଅବଦୁଲ୍ଲାଃ ବିନ୍ ରୱାହା ର.ଅଙ୍କ ସଂପର୍କରେ ଶାହାଦତର ସୂଚନା ପ୍ରଦାନ କରିଦେଲେ ।

ହଜରତ ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ ସ.ଅ ହଜରତ ଜୈଦ୍, ହଜରତ ଜାଫର ଓ ହଜରତ ଅବଦୁଲ୍ଲାଃ ବିନ୍ ରୱାହା ର.ଅଙ୍କ ଶାହାଦତର ସମ୍ବାଦ ଲୋକମାନଙ୍କୁ ଶୁଣାଇଥିଲେ । ହୁଜୁର ସ.ଅ କହିଲେ ଜୈଦ୍ ର.ଅ ଧ୍ଵଜା ଧରିଲେ ସେ ଶହୀଦ୍ ହେଲେ, ଜାଫର ର.ଅ ଧ୍ଵଜା ଧରିଲେ ସେ ମଧ ଶହୀଦ୍ ହୋଇଗଲେ ସେହପରି ହଜରତ ଅବଦୁଲ୍ଲାଃ ବିନ୍ ରୱାହା ର.ଅ ଧ୍ଵଜା ଧିରଲେ ସେ ମଧ ଶହୀଦ୍ ହୋଇଗଲେ ଏବଂ ଏତିକି କହିବା କ୍ଷଣେ ଆଁହଜରତ ସ.ଅଙ୍କ ଆଖିରୁ ଅଶ୍ରୁ ନିର୍ଗତ ହୋଇଗଲା। ହୁଜୁର ସ.ଅ କହିଲେ ପୁନଶ୍ଚ ଧ୍ଵଜାକୁ ଅଲ୍ଲାଃତାଲାଙ୍କ ତରବାରୀ ଖାଲିଦ୍ ବିନ୍ ୱଲିଦ୍ ଧରି ନେଲେ ଏବଂ ତାଙ୍କରି ମାଧମରେ ହିଁ ଅଲ୍ଲାଃତାଲା ବିଜୟ ପ୍ରଦାନ କଲେ । ହଜରତ ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ହଜରତ ଜୈଦ ବିନ୍ ହାରସା, ହଜରତ ଜାଫର ଏବଂ ହଜରତ ଅବଦୁଲ୍ଲାଃ ବିନ୍ ରୱାହା ଶହୀଦ୍ ହୋଇଗଲେ ସେତେବେଳେ ରସୁଲୁଲ୍ଲାଃ ସ.ଅ ମସଜିଦରେ ବସିଥିଲେ । ହୁଜୁର ସ.ଅଙ୍କ ମୁଖମଣ୍ଡଳରୁ ଦୁଃଖ ତଥା ଶୋକର ଛାୟା ସ୍ପଷ୍ଟ ରୂପେ ପ୍ରକାଶ୍ୟ ହେଉଥିଲା।

ହଜରତ ଉରୱା ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ଏକ ଗଧ ଉପରେ ଆରୋହଣ ହେଲେ । ହୁଜୁର ସ.ଅ ନିଜ ପଛରେ ଉସ୍ମାମାଙ୍କୁ ବସେଇଥିଲେ । ହୁଜୁର ସ.ଅ ହଜରତ ସାଆଦ୍ ବିନ୍ ଉବାଦା ର.ଅଙ୍କ ରୋଗୀ ପରିଦର୍ଶନ ନିମନ୍ତେ ବନୁ ହାରିସ୍ ବିନ୍ ଖଜରଜ୍ ସଂପ୍ରଦାୟକୁ ଗଲେ । ହୁଜୁର ସ.ଅ ଜଣେ ଆସର ସମୀପରୁ ଅତିକ୍ରମ କଲେ । ଯହିଁରେ ଅବଦୁଲ୍ଲାଃ ବିନ୍ ଉବୈ ମଧ ଥିଲା ଏବଂ ସେହି ସଭାରେ ହଜରତ ଅବଦୁଲ୍ଲାଃ ବିନ୍ ରୱାହା ମଧ ଥିଲେ । ଯେତେବେଳେ ସଭାରେ ଯାନର ଧୂଳି ଉଡ଼ି ପହଞ୍ଚିଲା ସେତବେଳେ ଅବଦୁଲ୍ଲାଃ ବିନ୍ ଉବୈ ନିଜର ନାସିକାକୁ ନିଜର ଚାଦର ସାହାଯ୍ୟରେ ଘୋଡ଼ାଇ ପକାଇଲା ପୁନଶ୍ଚ କହିବାକୁ ଲାଗିଲା ଯେ, ଆମ ଉପରେ ଧୂଳି ଉଡ଼ାଅ ନାହିଁ । ନବୀ କରୀମ୍ ସ.ଅ ତାଙ୍କୁ السَّلَامُ عَلَيْكُمْ କହିଲେ ପୁନଶ୍ଚ ଅଟକି ନିଜ ବାହନରୁ ଓହ୍ଲାଇ ସେମାନଙ୍କୁ ଅଲ୍ଲାଃତାଲା ଆଡ଼କୁ ଆମନ୍ତ୍ରଣ କଲେ ଓ ସେମାନଙ୍କ ସମ୍ମୁଖରେ କୁରଆନ ପାଠ କଲେ । ଅବଦୁଲ୍ଲାଃ ବିନ୍ ଉବୈ କହିବାକୁ ଲାଗିଲା ହେ ବ୍ୟକ୍ତି ଏହା ଠିକ୍ ନୁହଁ, ଯାହା ତୁମେ କହୁଛ ଯଦି ତାହା ସତ ତେବେ ତୁମେ ଆମ ସଭାରେ ଆମକୁ ଆଉ କଷ୍ଟ ଦିଅ ନାହିଁ ଏବଂ ନିଜ ଲକ୍ଷ୍ୟ ସ୍ଥଳକୁ ଫେରଯାଅ ଏବଂ ଯିଏ ତୁମ ପାଖକୁ ଆସିବ ତା ନିକଟରେ ଯାଇ ବର୍ଣ୍ଣନା କର । ହଜରତ ଅବଦୁଲ୍ଲାଃ ବିନ୍ ରୱାହା ତୁରନ୍ତ କହିଲେ ଯେ, ହେ ରସୁଲୁଲ୍ଲାଃ ! ଆପଣ ଆମ ସଭାରେ ଆସୁ ଥାଆନ୍ତୁ, କାରଣ ଆମେ ଏହାକୁ ପସନ୍ଦ କରୁଛୁ । ହଜରତ ଅବୁ ଦରଦା ର.ଅ ବର୍ଣ୍ଣନା କରନ୍ତି ଯେ, ଏକଦା ଆମେମାନେ ଆଁହଜରତ ସ.ଅଙ୍କ ସହିତ ରମଜାନ ମାସରେ ପ୍ରଚଣ୍ଡ ଗ୍ରୀଷ୍ମରେ ବାହାରିଲୁ ଏବଂ ରସୁଲୁଲ୍ଲାଃ ସ.ଅ ଓ ଅବଦୁଲ୍ଲାଃ ବିନ୍ ରୱାହାଙ୍କ ବ୍ୟତୀତ ଆମେମାନେ କୌଣସି ରୋଜା ରଖି ନଥିଲୁ । ହଜରତ ମିର୍ଜା ବଶୀର୍ ଅହମଦ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, ମସଜିଦ ନବୱୀର ନିର୍ମାଣ ସମୟରେ ଆଁହଜରତ ସ.ଅ ସ୍ଵୟଂ ଦୁଆ କରି ଭିତ୍ତିପ୍ରସ୍ତର ସ୍ଥାପନ କଲେ ଏବଂ ସାହାବାମାନେ, ନିର୍ମାଣକାରୀ ଓ ଶ୍ରମିକଙ୍କର କାର୍ଯ୍ୟ ସଂପାଦନ କରିଥିଲେ । ଯହିଁରେ ବେଳେବେଳେ ଆଁହଜରତ ସ.ଅ ମଧ ସ୍ଵୟଂ ଅଂଶଗ୍ରହଣ କରୁଥିଲେ। ସେହିପରି ବେଳେବେଳେ ସାହାବାମାନେ ମଧ କାମ କରିବା ସଙ୍ଗେସଙ୍ଗେ ଅବଦୁଲ୍ଲାଃ ବିନ୍ ରୱାହାଙ୍କର ଏହି କବିତା ଗାନ କରୁଥିଲେ ଯେ,

اَللّٰهُمَّ اِنَّ الْاَجْرَ اَجْرُ الْاٰخِرَةْ          فَارْحَمُ الْاَنْصَارَ وَ الْمُهَاجِرِ

ଅର୍ଥାତ ହେ ଆମର ଅଲ୍ଲାଃ! ପ୍ରକୃତ ପୁଣ୍ୟ ତ' କେବଳ ପରକାଳର ପୁଣ୍ୟ ଅଟଇ ତେଣୁ ତୁମ୍ଭେ ନିଜର କୃପା ଦ୍ଵାରା ଅନସାର ଓ ପ୍ରବାସକାରୀଙ୍କ ଉପରେ ଦୟା ଅବତୀର୍ଣ୍ଣ କର । ଏଣୁ ଯେତେବେଳେ ସାହାବାମାନେ ଏହି କବିତାଗୁଡ଼ିକ ପଢୁଥିଲେ ସେତେବେଳେ ଅନେକ ସମୟରେ ଆଁହଜରତ ସ.ଅ ମଧ ସେମାନଙ୍କ ସ୍ଵର ସହିତ ସ୍ଵର ମିଶାଇ ଦେଉଥିଲେ ଏବଂ ଏହିପରି ଭାବରେ ଏକ ଦୀର୍ଘ ଅବଧିର ପରିଶ୍ରମ ପରେ ଉକ୍ତ ମସଜିଦର ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଥିଲା ।

ହୁଜୁର ଅନୱର ଅ.ବ କହିଲେ : ବର୍ତ୍ତମାନ ମୁଁ  ଜଣେ ସ୍ୱର୍ଗତଙ୍କର ଚର୍ଚ୍ଚା କରିବି । ସେ ହେଉଛନ୍ତି ସ୍ୱର୍ଗତ ଡ଼. ଲତିଫ ଅହମଦ କୁରୈଶି ସାହେବ ଯିଏକି ମନଜୁର ଅମହଦ କୁରୈଶି ସାହେବଙ୍କର ସୁପୁତ୍ର ଥିଲେ । ୨୦୨୦ ମସିହା ଜାନୁୟାରୀ ମାସ ୧୯ ତାରିଖରେ ଦ୍ୱିପ୍ରହରର ପ୍ରାୟ ୧.ଟା ବେଳକୁ ନିଜ ଘରେ ୮୦ ବର୍ଷ ବୟସରେ ବିଧର ବିଧାନ ଅନୁଯାୟୀ ତାଙ୍କର ପରଲୋକ ହୋଇଯାଇଥିଲା إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ୧୯୩୭ ମସିହାରେ ତାଙ୍କ ପିତା ହଜ଼ରତ ମୁସଲେହ୍ ମଉଦ୍ ର.ଅଙ୍କ ହସ୍ତରେ ବୈଅତ କରିଥିଲେ । ତାଙ୍କ ମାତାଙ୍କ ନାମ ଶ୍ରୀମତି ମନସୁରା ବୁଶରା ସାହେବା ବର୍ତ୍ତମାନ ଜୀବିତ ଅଛନ୍ତି । ୧୯୬୮ ମସିହାରେ ହଜ଼ରତ ଖଲିଫତୁଲ୍ ମସିହ୍ ସାଲିସ୍ ର.ଅ ଡ଼ାକ୍ତର ସାହେବଙ୍କୁ କହିଲେ ଯେ, ଆପଣ ଆମ ପାଖକୁ କେବେ ଆସୁଛନ୍ତି ? ପ୍ରତ୍ୟୁତ୍ତରରେ ଡ଼ାକ୍ତର ସାହେବ କହିଲେ ଯେତେବେଳେ ଆପଣ ଆଦେଶ ଦେବେ । ସୁତରାଂ ହୁଜୁର ର.ଅ କହିଲେ ଆପଣ ଚାଲି ଆସନ୍ତୁ ଏବଂ ଆପଣ ଇଂଲଣ୍ଡ ଛାଡ଼ି ରବୱାକୁ ବିସ୍ଥାପିତ ହୋଇଯାଇଥିଲେ ଏବଂ ଫଜ଼ଲେ ଉମର୍ ହସପିଟାଲ ରବୱା ଠାରେ ଡ଼ାକ୍ତର ସାହେବଙ୍କର ନିଯୁକ୍ତି ହୋଇଥିଲା ଏବଂ ଦୀର୍ଘ ଦିନ ଧରି ସେ ସେଠାରେ ଦାୟିତ୍ୱ ତୁଲାଇ ଆସୁଥିଲେ । ୧୧ ଜୁଲାଇ ୧୯୮୩ ମସିହାରେ ସେ ଫଜ଼ଲେ ଉମର ହସପିଟାଲର ଚିଫ୍ ମେଡ଼ିକାଲ ଅଫିସର ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ଏହି ହସପିଟାଲରେ ତାଙ୍କର ସେବା କରିବାର ଅବଧି ପ୍ରାୟ ୩୦ ବର୍ଷ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା। ତାଙ୍କ ସ୍ତ୍ରୀଙ୍କର ମଧ୍ୟ କିଛିଦିନ ପୂର୍ବେ ବିୟୋଗ ହୋଇଥିଲା । ତାଙ୍କ ସଂପର୍କରେ ମୁଁ ଚର୍ଚ୍ଚା କରିଥିଲି । ତାଙ୍କ ସ୍ତ୍ରୀ ମୌଲାନା ଅବଦୁଲ ମାଲିକ ଖାନ ସାହେବଙ୍କର ସୁପୁତ୍ରୀ ଥିଲେ । ଗତ ଶୁକ୍ରବାର ଦିନ ମୁଁ ତାଙ୍କର ନମାଜ଼ ଯନାଜ଼ାଃ ପଢାଇଥିଲି ଏବଂ ଏହାର ଦିନ ଦୁଇ ଦିନ ପରେ ତାଙ୍କର ମଧ୍ୟ ଅକାଳ ବିୟୋଗ ହୋଇଥିଲା । ତାଙ୍କ ସ୍ତ୍ରୀଙ୍କ ପନ୍ଦର ଦିନ ପରେ । ମୃତକଙ୍କ ପରିଜନମାନଙ୍କ ମଧ୍ୟରେ ତିନି ଜଣ ପୁତ୍ର ଏବଂ ଦୁଇଜଣ ପୁତ୍ରୀ ରହିଛନ୍ତି । ତାଙ୍କର ସୁପୁତ୍ର ଆତାଉଲ୍ ମାଲିକ କହନ୍ତି ଯେ,

"ମୁଁ ଯେବେଠାରୁ ବୁଦ୍ଧି ପ୍ରାପ୍ତ କରିଛି ମୋ ପିତାଙ୍କୁ କେବେହେଲେ ନମାଜ଼ ତେହଜ୍ଜୁଦ ଛାଡ଼ିଥିବାର ଦେଖି ନାହିଁ । ସେହିପରି ଆମର ମାତା ଆମକୁ କହୁଥିଲେ ଯେ, ବିବାହର ପ୍ରଥମ ଦିନରୁ ହିଁ ଆମମାନଙ୍କୁ ତେହଜ୍ଜୁଦ ପଢିବା ପାଇଁ ଉତ୍ସାହିତ କରୁଥିଲେ । ଏଣୁ ସେ ଦୀର୍ଘ ୫୦ ବର୍ଷ ଧରି ନିୟମିତ ରୂପେ ନମାଜ଼ ତେହଜ୍ଜୁଦ ପଢିବାର ବନ୍ଦୋବସ୍ତ କରୁଥିଲେ" ।

ତାଙ୍କର ଦ୍ୱିତୀୟ ପୁତ୍ର ଡ଼କ୍ଟର କୁରୈଶି ମୁହମ୍ମଦ ଅହେମଦ ମେହମୁଦ ସାହେବ କହନ୍ତି ଯେ, ଖଲିଫା ସାଲିସ୍ ର.ଅ ତାଙ୍କ ସଂପର୍କରେ କହିଥିଲେ ଯେ, ଏ ଖାଲି ଡାକ୍ତର ନୁହନ୍ତି ବରଂ ଏ ତ' ଜଣେ ନୈଷ୍ଠିକ ଦୁଆ କରୁଥିବା ଡ଼ାକ୍ତର ଅଟନ୍ତି । ସେ ପ୍ରତ୍ୟେକ ରୋଗୀ ପାଇଁ ଦୁଆ କରୁଥିଲେ । ପ୍ରତ୍ୟେକ ଚିଠା ଉପରେ ଔଷଧ ଲେଖିବା ପୂର୍ବରୁ ପ୍ରଥମେ بسم الله الرحمٰن الرحيم ଲେଖୁଥିଲେ ଏବଂ ପୁନଶ୍ଚ ଏହା ତଳେ هُوَ الشَّافِي ଲେଖୁଥିଲେ ।

ଅଲ୍ଲାଃତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ । ତାଙ୍କର ସନ୍ତାନ ସନ୍ତତିଙ୍କୁ ମଧ୍ୟ ଧୈର୍ଯ୍ୟ ଏବଂ ସାହାସ ପ୍ରଦାନ କରନ୍ତୁ ଏବଂ ତାଙ୍କର ପୁଣ୍ୟାବଳୀଗୁଡ଼ିକୁ ତାଙ୍କ ସନ୍ତାନମାନଙ୍କ ମଧ୍ୟରେ ଉଜ୍ଜୀବିତ ରଖିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ତାଙ୍କର ମାତା ମଧ୍ୟ ବହୁତ ଅସୁସ୍ଥ ଅଟନ୍ତି । ଅଲ୍ଲାଃତାଲା ତାଙ୍କ ଉପରେ କୃପା ଏବଂ ଦୟା ଅବତୀର୍ଣ୍ଣ କରନ୍ତୁ ।

.......................................

**KHULASA KHUTBA JUMA HUZOOR ANWAR a.b.a**

**24th Jan 2020**

...................